## ଶିଶୁ ମଙ୍ଗଳ ସମିତିର ନବନିଯୁକ୍ତ ସଦସ୍ୟଙ୍କ ପାଇଁ ପାଞ୍ଚଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା

ଭୁବନେଶ୍ୱର, ଜୁନ୍ ୩୦, ୨୦୨୬: ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଆଜି ରାଜ୍ୟର ସମସ୍ତ ଜିଲ୍ଲାର ନବନିଯୁକ୍ତ ଶିଶୁ ମଙ୍ଗଳ ସମିତି (ଚାଇଲ୍ଡ ୱେଲଫେୟାର କମିଟି)ର ଅଧକ୍ଷ ଓ ସଦସ୍ୟମାନଙ୍କ ପାଇଁ ଆୟୋଜିତ ପାଞ୍ଚଦିନିଆ କାର୍ଯ୍ୟକ୍ରମର ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।




ଏହି ଅବସରରେ ଉପସ୍ଥିତ ଅତିଥିମାନଙ୍କୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଥିଲେ ଯେ, ଶିଶୁମାନେ ଦେଶର ଅମୂଲ୍ୟ ସମ୍ପଦ ଏବଂ ସେମାନଙ୍କର ଅଧିକାରର ସୁରକ୍ଷା କେବଳ ସରକାରଙ୍କର ନୁହେଁ, ବରଂ ସମଗ୍ର ସମାଜର ସାମୂହିକ ଦାୟିତ୍ୱ। ସେ କହିଥିଲେ ଯେ ଶିଶୁ କଲ୍ୟାଣ କ୍ଷେତ୍ରରେ ରାଜ୍ୟ ସରକାର ଦୃଢ଼ ପ୍ରତିବଦ୍ଧ ରହିଛନ୍ତି ଏବଂ ପ୍ରତିଷ୍ଠାନଗତ ଦକ୍ଷତା ବୃଦ୍ଧି, ସେବା ପ୍ରଦାନ ବ୍ୟବସ୍ଥାର ଉନ୍ନତି, ନିରୀକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ କ୍ଷେତ୍ରସ୍ତରୀୟ କର୍ମଚାରୀମାନଙ୍କର ନିୟମିତ ପ୍ରଶିକ୍ଷଣ ମାଧ୍ୟମରେ ଓଡ଼ିଶାର ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସଶକ୍ତ କରାଯାଉଛି।

ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି କିଶୋର ନ୍ୟାୟ (ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା) ଅଧିନିୟମ, ୨୦୧୫ ସମ୍ପର୍କରେ ଶିଶୁ ମଙ୍ଗଳ ସମିତିର ସଦସ୍ୟମାନଙ୍କ ଆଇନଗତ ଜ୍ଞାନକୁ ସୁଦୃଢ଼ କରିବା ସହିତ, ଯତ୍ନ ଓ ସୁରକ୍ଷାର ଆବଶ୍ୟକତା ଥିବା ଶିଶୁମାନଙ୍କର ସୁରକ୍ଷା, ଯତ୍ନ, ପୁନର୍ବାସ ଏବଂ ସମାଜର ମୂଳସ୍ରୋତରେ ପୁନଃସ୍ଥାପନ କ୍ଷେତ୍ରରେ ସେମାନଙ୍କର ଭୂମିକା ଓ ଦାୟିତ୍ୱକୁ ଅଧିକ ସୁଦୃଢ଼ କରିବା।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ଶାସନ ସଚିବ , ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମାଜର ଅଧକ୍ଷା ଡ଼ଃ ମୃଣାଳିନୀ ଦର୍ଶୱାଲ, ଆଇସିଡିଏସ୍ ଓ ସମାଜ କଲ୍ୟାଣ ନିର୍ଦ୍ଦେଶିକା ତଥା ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ନିର୍ଦ୍ଦେଶିକା ଶ୍ରୀମତୀ ମୋନିଶା ବାନାର୍ଜୀ, ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ଶ୍ରୀମତୀ ସୁମିତ୍ରା ପଟ୍ଟନାୟକ ଏବଂ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ଶ୍ରୀମତୀ ବବିତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସ୍ନିଗ୍ଧା ମାଧୁରୀ
ଲୋକସମ୍ପର୍କ ଅଧିକାରୀ